**NEW PAPER:** Prameya

**DATE:** 05.12.2018

**PAGE:** 7

ପ୍ରମେୟ
THE PRAMEYA

# ଏଏସ୍‌ବିଏମ୍‌ରେ ୭ମ ଜାତୀୟ ଫାଇନାନ୍ସ ସିମ୍ପୋଜିୟମ୍




ଭୁବନେଶ୍ୱର,୪।୧୨(ବ୍ୟୁରୋ):ପ୍ରମୁଖ ବି-ସ୍କୁଲ, ଏସିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ଆନୁକୂଲ୍ୟରେ ୭ମ ଜାତୀୟ ଫାଇନାନ୍ସ ସିମ୍ପୋଜିୟମ ୨୦୧୮ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ପୂର୍ବତଟ ରେଳପଥର ଆର୍ଥିକ ଉପଦେଷ୍ଟା ରାଜ କୁମାର ମିନୋଚା ମନୋଭାବକୁ ପରିବର୍ତ୍ତନ କରିବାର ସାମର୍ଥ୍ୟ ଏବଂ ନିତିଶାସ୍ତ୍ର ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ପିଜି ବିଭାଗ ପୂର୍ବତନ ପ୍ରଫେସର ଡ. ରଞ୍ଜନ କୁମାର ବଳ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କମ୍ପାନିମାନଙ୍କର ଅସଫଳ ପ୍ରଦର୍ଶନର କାରଣ ବିଷୟରେ କହିଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ.ସାବତ, ସାଧୁତା, ନ୍ୟାୟପରାୟଣତା ଏବଂ ଆର୍ଥିକ ଶୃଙ୍ଖଳା କାର୍ଯ୍ୟନିର୍ବାହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ଆର୍ଥିକ ଶୃଙ୍ଖଳକୁ ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠାନର ଡ଼ିନ୍ ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ସିମ୍ପୋଜିୟମର ଲକ୍ଷ୍ୟ ବୁଝାଇଥିଲେ । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।